**OFFICE OF THE COLLECTOR & DISTRICT MAGISTRATE, DHENKANAL**

**(I & P.R SECTION)**

No. 646 / Dt. 03/7/2018

e-mail ld-dkl.dipro@gmail.com

Tel. No. - (06762) 224414

ଜିଲ୍ଲା ସୂଚନା ଓ ଲୋକସଂପର୍କ କାର୍ଯ୍ୟାଳୟ, ଢେଙ୍କାନାଳ

## ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମରେ ଉନ୍ନତ ଆଦର୍ଶ ରୋଷଶାଳା ଉଦ୍‌ଘାଟିତ

ଢେଙ୍କାନାଳ, ତା ୦୩/୭/୨୦୧୮ ରିଖ :- ଢେଙ୍କାନାଳ ଜିଲ୍ଲାରେ ବିଦ୍ୟାଳୟକୁ ଯାଉଥିବା ୬ରୁ ୧୪ ବର୍ଷର ପିଲାମାନଙ୍କ ମଧ୍ୟରେ ଦେଖାଯାଉଥିବା ଅପପୁଷ୍ଟିର ଅଭାବ ଜନିତ ପୁଷ୍ଟିହୀନତା ଓ ରକ୍ତହୀନତା ଦୂର କରିବା ପାଇଁ ମଧ୍ୟାହ୍ନ ଭୋଜନରେ ପୁଷ୍ଟିଯୁକ୍ତ ଚାଉଳ ଓ ଅଣୁପୋଷଣ ପାଉଡର ଦିଆଯାଉଛି । ମଧ୍ୟାହ୍ନ ଭୋଜନରେ ଖାଦ୍ୟ ରନ୍ଧନ, ବା ପ୍ରସ୍ତୁତି ଏକ ସ୍ୱାସ୍ଥ୍ୟକର ପରିବେଶରେ ହେବା ଏକାନ୍ତ ଆବଶ୍ୟକ । ଏଥିରେ ପାଚକ ତଥା ସହାୟିକାଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଉପସ୍ଥିତ ଅତିଥିମାନେ ମନ୍ତବ୍ୟ କରିଥିଲେ, ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଓଡ଼ିଶା ସରକାର ଓ ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମର ମିଳିତ ସହଯୋଗରେ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରାଯାଉଛି । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରତି ବ୍ଲକରେ ଗୋଟିଏ କରି ଉନ୍ନତ ଆଦର୍ଶ ରୋଷେଇ ଓ ଭଣ୍ଡାର ଗୃହ ନିର୍ମାଣ କରାଯାଉଛି ।

ଆଜି ପୂର୍ବାହ୍ନରେ ପ୍ରଥମ ପର୍ଯ୍ୟାୟରେ ଓଡ଼ାପଡ଼ା ବ୍ଲକର ଧଳପୁର ନୋଡ଼ାଲ ଉଚ୍ଚ ବିଦ୍ୟାଳୟ ଓ କାମାକ୍ଷାନଗର ବ୍ଲକର ସ୍ନାଗର ଉ.ପ୍ରା. ବିଦ୍ୟାଳୟରେ ପ୍ରଥମ କରି ଉନ୍ନତ ଆଦର୍ଶ ରୋଷେଇ ଓ ଭଣ୍ଡାର ଗୃହ ସଂପୂର୍ଣ୍ଣ ହୋଇଯାଇଛି । ଏହି ଦୁଇଟି ରୋଷେଇ ଗୃହକୁ ଆଜି ଉଦ୍‌ଘାଟନ କରାଯାଇଛି । ଏହି ଉଦ୍‌ଘାଟନ ଉତ୍ସବରେ ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମର ଓଡ଼ିଶାରେ କଣ୍ଟ୍ରି ଡାଇରେକ୍ଟର ଡଃ ହାମିଦ ନୁରି, ଶ୍ରୀ ପ୍ରଦିପ ରାଉତ, ଡାଇରେକ୍ଟର ଷ୍ଟ୍ରାଟେଜି ଓ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଅବନୀକାନ୍ତ ପଟ୍ଟନାୟକଙ୍କ ପ୍ରମୁଖ ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମର ରାଜ୍ୟ ସଂଯୋଜକ ଶ୍ରୀ ହିମାଂଶୁ ବଳ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ ଧଳପୁର ନୋଡ଼ାଲ୍ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ, ବିଦ୍ୟାଳୟ ପରିଚାଳନା କମିଟିର ସଭ୍ୟ ଏବଂ ଗୋଷ୍ଠୀ ଶିକ୍ଷାଧିକାରୀ ଉପସ୍ଥିତ ଥିଲେ ।

ହେମନ୍ତ କୁମାର ନାୟକ/୩/୭/୨୦୧୮